
ଶନିବାର ,୧୭ ମେ, ୨୦୨୫

# ପିଲାଙ୍କ ଧରିତ୍ରୀ



# ଖିଲି ଖିଲି ହସ

(ଦୁଇ ଭାଇଙ୍କ ମଧ୍ୟରେ କଥାବାର୍ତ୍ତା)
ଜଣେ ଭାଇ ଦୌଡ଼ିଆସି କହିଲା–ଭାଇ ତୁମେ ଏଠି ମଶାରି ଟାଙ୍ଗି ଶୋଇଛ ସିଆଡେ ପୋଲିସ ଆମ ଦୁହିଁଙ୍କୁ ଖୋଜୁଛି !
ଦ୍ୱିତୀୟ ଭାଇ: ଆରେ,କାଇଁ ଚିନ୍ତା କରୁଛୁ, ଆ ଭିତରକୁ ମଶା ପଶି ପାରୁନି ହେଲେ ପୋଲିସ କେମିତି ପଶିବ !

ଦୁଇଟି ମୂଷା ବାଇକ୍‌ରେ ଯାଉଥିଲେ। ଏହି ସମୟରେ ସିଂହ ଆସି ତାଙ୍କୁ ଲିଫ୍ଟ ମାଗିଲା। ମୂଷା ଦୁଇଟି କହିଲେ ଟିକେ ଭାବିକି ଦେଖ, ପରେ ତୁମ ମା' ନ ହେଲେ କହିବେ ଯେ ଗୁଣ୍ଡାମାନଙ୍କ ସହିତ ବୁଲୁଛୁ ବୋଲି।

ଥରେ ରାଜୁ ପାହାଡ଼ ଉପରେ ବସି ପାରାଚ୍ୟୁଟ୍ ବିକ୍ରି କରୁଥିଲା। ଜଣେ ଗ୍ରାହକ ଆସି ପଚାରିଲେ – ଆରେ ଭାଇ ପାରାଚ୍ୟୁଟ୍ ଖୋଲିବ ତ ?
ରାଜୁ ଯଦି ନ ଖୋଲିଲା ତେବେ ଆପଣଙ୍କର ସବୁ ଟଙ୍କା ଫେରାଇଦେବି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ସୁଧୁରିଗଲା ଚିନୁ

ଗପ


ସବୁଦିନ ସନ୍ଧ୍ୟାହେଲେ ଜେଜେ ତାଙ୍କର ଆସର ଜମେଇ ଦିଅନ୍ତି। ଲିଲି, ମିଲି, ମନୁ, ଚିନୁ ଆଉ ପଡ଼ିଶା ଘରୁ ପ୍ରାଚୀ ଏ ସମସ୍ତେ ଜେଜେଙ୍କ ପାଖକୁ ଗପ ଶୁଣିବାକୁ ଆସନ୍ତି। ରାଜାରାଣୀ କଥା, ବୁଢ଼ୀ ଅସୁରୁଣୀ କଥା, ଜଙ୍ଗଲରାଇଜ କଥା ଏମିତି କେତେ ପ୍ରକାର ଗପ। ଗପ ସବୁ ଯେତିକି ରୋମାଞ୍ଚକର, ସେମିତି କଉତୁକିଆ। ଥରେ ଗପ ଶୁଣିବାକୁ ଚିନୁ ଆସି ନ ଥାଏ। ଜେଜେ ମିଲିକୁ ପଠେଇଲେ ଚିନୁକୁ ଡାକି ଆଣିବା ପାଇଁ। ମିଲି ଚିନୁକୁ ବୁଝେଇ ଶୁଝେଇ ଜେଜେଙ୍କ ପାଖକୁ ନେଇକି ଆସିଲା। ଜେଜେ ପଚାରିଲେ, କି'ରେ ! କାହିଁକି ଅଝଟ ହଉଥିଲୁ ?

ଚିନୁ ଉତ୍ତର ଦେଲା, ମୋବାଇଲରେ ସୁନ୍ଦର ସୁନ୍ଦର ଗପର ଭିଡିଓ ଅଛି, ଗୀତ ଅଛି, ଖେଳ ଅଛି, ଦେଖିବାକୁ ଭାରି ଭଲ ଲାଗେ। ମା'ଙ୍କୁ ମାଗିଲି ହେଲେ ମା ବୁଝୁନାହାନ୍ତି କି ଦେଉ ବି ନାହାନ୍ତି।

ଜେଜେ ଏଥରକ କହିଲେ, ତୋ ମା'ତୋତେ ନ ଦେଇ ଠିକ୍ କରିଛନ୍ତି। ଆଗ କହିଲୁ, ତୋ ମା' ତୋର କେବେ ଖରାପ ଚିନ୍ତା କରିଛନ୍ତି କି? ଚିନୁ କହିଲା ନା।

ତା'ହେଲେ ତୋର ଏଥିରେ ଅଝଟ ହେବାର ଆବଶ୍ୟକତା ନ ଥିଲା, ଜେଜେ କହିଲେ। ଏମିତିରେ ବି ମୋବାଇଲ୍ ଅଭ୍ୟାସ ଭଲ ନୁହଁ। ଭିଡିଓ, ଗୀତ, ଖେଳ ମୋହରେ ପଡ଼ିଲେ ସମୟ ଜଣାପଡ଼େନା। ତା'ମାୟାରୁ ମୁକୁଳିବା କାଠିକର ପାଠ ହୋଇଯାଏ। ସେଇଥିପାଇଁ ପାଠପଢ଼ା ନଷ୍ଟ ତ ହୁଏ ତା' ସହିତ ଆମେ ନିଜ ଉପରୁ ନିୟନ୍ତ୍ରଣ ମଧ୍ୟ ହରାଇବସୁ।

ଆଚ୍ଛା ପିଲାମାନେ, ତମେମାନେ ବଲ୍‌ବ, ଟ୍ୟୁବଲାଇଟ, ଟର୍ଚ୍ଚଲାଇଟ୍ ଭଳି ଆଲୋକ ପ୍ରଦାନ କରୁଥିବା ବସ୍ତୁ ବା ପଦାର୍ଥକୁ କେବେନା କେବେ ଖାଲି ଆଖିରେ ଦେଖିବାର ଚେଷ୍ଟା କରିଥିବ ନିଶ୍ଚୟ, କଷ୍ଟ ଲାଗେ ନା ନାହିଁ? ସମସ୍ତେ ଏକ ସ୍ୱରରେ ହଁ ଭରିଲେ। ଜେଜେ ପୁଣି କହିଲେ ମୋବାଇଲ ମଧ୍ୟ ଆଲୋକ ପ୍ରଦାନ କରେ ଯାହାକୁ ଦୀର୍ଘସମୟ ଧରି ଦେଖିଲେ ଆମ ଆଖିକୁ କଷ୍ଟ ହୁଏ, କିନ୍ତୁ ମୋବାଇଲ୍ ଦେଖିବାର ଆନନ୍ଦରେ ଆମେ ଏତେ ମଜି ଯାଇଥାଉ ଯେ ନିଜ ଆଖିର ସୁରକ୍ଷା କଥା ଚିନ୍ତା କରି ପାରି ନ ଥାଉ। କେହି ଏଥିପ୍ରତି ତାଗିଦ୍ କଲେ ଅଥବା ଫୋନ୍ ଛଡ଼େଇ ନେଲେ ବିରକ୍ତି ପ୍ରକାଶ କରୁ। ଅଧିକ ସମୟ ଧରି ଆମେ ମୋବାଇଲ ଦେଖିବା ଫଳରେ ଆଖି ଶୀଘ୍ର ନଷ୍ଟ ହବାର ଆଶଙ୍କା ଥାଏ ଏବଂ ହୁଏ ମଧ୍ୟ। କିଛି ଦିନ ତଳେ ଖବରକାଗଜରେ ବାହାରିଥିଲା କି ୬୮ ପ୍ରତିଶତ ଶିଶୁ ଦୃଷ୍ଟିଶକ୍ତି ଦୋଷ ଯୋଗୁ ଚଷମା ବ୍ୟବହାର କରୁଛନ୍ତି, ଯେଉଁଥିପାଇଁ କେବଳ ମୋବାଇଲ୍ ହିଁ ଦାୟୀ।



ଆମେ ଆମ ମସ୍ତିଷ୍କକୁ ଯେତିକି ଖଟାଉ, ତାହା ସେତିକି କ୍ରିୟାଶୀଳ ହୋଇଥାଏ, ନୂଆ ନୂଆ ଖୋରାକ୍ ଯୋଗାଏ, ବିଭିନ୍ନ ପ୍ରକାର ବିଚାରଧାରା ଜନ୍ମ ନିଏ, ପ୍ରତିଟି କାର୍ଯ୍ୟକୁ ବିଭିନ୍ନ ଦିଗରୁ ଅନୁଶୀଳନ କରିବାର କ୍ଷମତା ବଢ଼େ ତତ୍‌ସହିତ କାର୍ଯ୍ୟଦକ୍ଷତା ମଧ୍ୟ ବଢ଼େ। କିନ୍ତୁ, ମୋବାଇଲ୍ ଆମ ମସ୍ତିଷ୍କକୁ ଅଳସୁଆ ତଥା ଅକାମୀ କରିଦିଏ। ଆମେ କିଛି ନୂଆ କରିବାର ଚିନ୍ତାରୁ ଦୂରେଇ ଯାଉ। ଅନେକ ମୂଲ୍ୟବାନ୍ ସମୟ ନଷ୍ଟ କରୁ। ଅପର ପକ୍ଷରେ ସୃଜନଶୀଳତା, ସ୍ମରଣଶକ୍ତି ଇତ୍ୟାଦି ଆମେ ହରାଇବସୁ ଏବଂ ଆଗାମୀ ଭବିଷ୍ୟତର ଅନେକ ସମ୍ଭାବନାକୁ ନଷ୍ଟ କରିଦେଉ। ତେଣୁ ମୋବାଇଲ୍‌ଠାରୁ ସବୁବେଳେ ଦୂରେଇ ରହିବା ଉଚିତ।

ଜେଜେଙ୍କ ଠାରୁ ଏ ସବୁକଥା ସମସ୍ତେ ଶୁଣୁଥିଲେ, କଥାଟା ସମସ୍ତଙ୍କ ମନକୁ ପାଇଲା। ଚିନୁ ନିଜ ଭୁଲ୍ ବୁଝିପାରିଲା ଏବଂ ଜେଜେଙ୍କୁ କଥା ଦେଲା ଯେ, ସେ ଆଉ ମୋବାଇଲ୍ ଦେଖିବା ପାଇଁ କାହା ପାଖରେ ଅଝଟ କରିବ ନାହିଁ।


**– ସନାତନ କଟା**
ସିଲୁଆଁ, ଟିଟିଲାଗଡ଼, ବଲାଙ୍ଗୀର
ମୋ: ୯୪୩୭୮୬୮୨୫୩

## ତୁମ ପଢ଼ିବା ପାଇଁ

# କଳିଯୁଗ ଶ୍ରେଷ୍ଠ

ପିଲାଙ୍କ ନିମନ୍ତେ ପ୍ରକାଶ ପାଇଛି ଗଳ୍ପ ସଙ୍କଳନ କଳିଯୁଗ ଶ୍ରେଷ୍ଠ। ବିଭିନ୍ନ ପୌରାଣିକ କଥାବସ୍ତୁକୁ ଆଧାରକରି ଏଥିରେ ସମର୍ପଣ, ଅଭିମନ୍ୟୁ, ସଂସାର ଭୁଲିପାରିନି ଏଭଳି ଭକ୍ତି, ଆଦର୍ଶ ଜାନକୀ, ଭାବ ଭାବରେ ଭକ୍ତ, ଗୁରୁ ବଶିଷ୍ଠ, ହୋଲିକା ଦହନ, ଦ୍ୱାରପାଳ ଶ୍ରୀକୃଷ୍ଣ, ଜଗନ୍ନାଥଙ୍କୁ ଜ୍ୱର, ବିରଳ ଭକ୍ତି, ଗୋବର୍ଦ୍ଧନ ପର୍ବତର କାହାଣୀ ଆଦି ସ୍ଥାନ ପାଇଛି। କାହାଣୀ ମାଧ୍ୟମରେ ବହୁ ନୈତିକ ଶିକ୍ଷା ଦେବାପାଇଁ ଚେଷ୍ଟା କରିଛନ୍ତି ଲେଖକ। ବହିଟିର ମୂଲ୍ୟ ରହିଛି ୧୫୫ ଟଙ୍କା।

ଯୋଗାଯୋଗ– **ସୁଧାଂଶୁ ଶେଖର ଦ୍ୱିବେଦୀ,**
ବିସି–୭୪, ସେକ୍ଟର–୧, ସଲ୍ଟ ଲେକ୍, କୋଲକାତା– ୭୦୦୦୬୪




# ତାତେ ନାହିଁ ପତ୍ର

ଖରାଦିନେ ପ୍ରଚଣ୍ଡ ସୂର୍ଯ୍ୟକିରଣରେ ସବୁକିଛି ତାତିଯାଏ। ଏମିତିକି ଲୁହାଖଣ୍ଡେ କିମ୍ବା ବାଲି, ଗୋଡ଼ି, ପଥର ସବୁକିଛି ଖରାରେ ତାତିଯାଏ ଯେ ଛୁଇଁ ହୁଏ ନାହିଁ। ହେଲେ ଭୀଷଣ ଖରାରେ ଥାଇ ବି ଗଛର ପତ୍ର ତାତେ ନାହିଁ। ଏପରି କାହିଁକି ହୋଇଥାଏ ବୋଲି ସମସ୍ତଙ୍କ ମନକୁ ଆସେ। ଏହାର କାରଣ ହେଉଛି ଗଛର ପତ୍ରରେ ଖାଦ୍ୟ ପ୍ରସ୍ତୁତି ହୋଇଥାଏ।



ଏଥିପାଇଁ ଗଛର ଚେର ସାହାଯ୍ୟରେ କାଣ୍ଡ ମଧ ଦେଇ ପତ୍ରକୁ ପାଣି ଆସେ ଓ ସୂର୍ଯ୍ୟକିରଣ ସହାୟତାରେ ପତ୍ରରେ ରୋଷେଇ ହୁଏ। ଫଳରେ ଖରା ସମୟରେ ପତ୍ରରେ ଅନବରତ ବାଷ୍ପୀକରଣ ପ୍ରକ୍ରିୟା ଚାଲିଥାଏ। ପତ୍ର ମାଧ୍ୟମରେ ବାଷ୍ପୀକରଣକୁ ଆମେ ଦେଖିପାରନ୍ତି ନାହିଁ। କିନ୍ତୁ ଏହି କାରଣରୁ ପତ୍ର ଆଦୌ ତାତେ ନାହିଁ।

## ମତାମତ

- ମା' ପରି କିଏ ହେବ ଗଳ୍ପଟି ଭଲ ଲାଗିଲା।
  **–ପ୍ରୀତି ନାୟକ, ସାଲେପୁର**
- 'ଆଳସ୍ୟ' ବିଷୟରୁ କେତେକ କଥା ଜାଣିବାକୁ ପାଇଲି।
  **–ଅନନ୍ୟା ସାହୁ, ବାଲେଶ୍ୱର**
- ଗତ ସପ୍ତାହର 'ଆଇନା'ରେ ପ୍ରକାଶିତ ଫଟୋ ସୁନ୍ଦର ହୋଇଥିଲା।
  **–ଅକ୍ଷୟ ବିଶ୍ୱାଳ, ରାଉରକେଲା**
- କବିତାଗୁଡ଼ିକ ଶିକ୍ଷଣୀୟ ହୋଇପାରିଛି।
  **–ଅନୀତା ପ୍ରିୟଦର୍ଶିନୀ,ଢେଙ୍କାନାଳ**

# ଖରାଛୁଟି



**ଏବେ ଖରାଛୁଟିର ସମୟ। ରୁଟିନ କାମରୁ ବାହାରି ଇଚ୍ଛା ଅନୁସାରେ ପଢ଼ିବା, ଖେଳିବା ଲାଗି ପିଲାଙ୍କ ପାଖରେ ଢେର୍ ସୁଯୋଗ। ଯୋଜନା ମୁତାବକ ସେମାନେ ଆରମ୍ଭ କରିଛନ୍ତି ସବୁ କାମ। ଏହାରି ଭିତରେ କିଏ ନିଜ କ୍ରିଏଟିଭିଟି ବଢ଼ାଇବାର ମାଧ୍ୟମ ଆପଣାଇଛନ୍ତି ତ ଆଉ କିଏ ପାଠ ବୋଝରୁ ମୁକୁଳି ମନକୁ ଟିକେ ହାଲୁକା କରିବାର ସୁଯୋଗ ପାଇଛନ୍ତି।**

ଖରାଛୁଟି ପାଇଁ ପିଲାଙ୍କର ଢେର ଦିନରୁ ଅପେକ୍ଷା ରହିଥାଏ। ଏହି ସମୟକୁ ନିଜ ଢଙ୍ଗରେ କଟାଇବା ପାଇଁ ସେମାନେ ଅପେକ୍ଷା କରିଥାନ୍ତି। କିଏ ବୁଲିବାକୁ ଯିବ, କିଏ ନୂଆ କିଛି ଶିଖିବ ଏମିତି ଚିନ୍ତା କରି ସେମାନେ ବହୁ ଆଗରୁ ଯୋଜନା ବି କରିଥାନ୍ତି। ଖରାପାଇଁ ପିଲାଙ୍କର କିଛିଦିନ ଆଗୁଆ ଛୁଟି ହୋଇଯାଇଥିବାରୁ ଏବେ ପିଲାମାନେ ଘରେ ଛୁଟିର ମଜା ନେଉଛନ୍ତି। ନିଜ ଯୋଜନା ଅନୁସାରେ କିଏ ସମରକୋର୍ସ ତ କିଏ ବୁଲାବୁଲି କରି ସମୟ କଟାଉଛନ୍ତି। ମନକୁ ଖୁସି କରିବା ପାଇଁ କିଏ ଡ୍ରଇଂ ତ କିଏ କ୍ରାଫ୍ଟ ଅଥବା ଅନ୍ୟାନ୍ୟ କାମ ସବୁ କରୁଛନ୍ତି। ବର୍ଷ ସାରାର ଏଇ ସମୟ ହେଉଛି ସବୁଠୁ ଲମ୍ବା ସମୟର ଛୁଟି। ତେଣୁ ଏ ସମୟକୁ କିପରି କଟାଇବେ ସେ ସମ୍ପର୍କରେ କେତେକ ପିଲା ଯାହା କୁହନ୍ତି...

## ଏମାନେ କ'ଣ କରନ୍ତି

### କୋଚିଂ ନେବି



ଖରାଛୁଟିରେ ହଷ୍ଟେଲରୁ ଘରକୁ ଆସିଛି। ଘରେ ରହି ଏଥର ଦେଢ଼ମାସ ପାଇଁ କୋଚିଂ ନେବି। ତା'ପରେ ମାମୁଘର ବୁଲିବାକୁ ଯିବି। ତେବେ କୋଚିଂ କେବଳ ସନ୍ଧ୍ୟାବେଳେ ମାତ୍ର ୨ ଘଣ୍ଟା ପାଇଁ ହେବ। ଦିନସାରା ଘରେ ରହିବି। ଘରକୁ ଏବେ ମାମୁଙ୍କ ପୁଅ ଆସିଛି, ତା' ସହିତ ଦିନବେଳା ଏକାଠି ସମୟ କଟାଉଛି। ହଷ୍ଟେଲରୁ ଘରକୁ ଆସି ଏକ ଭିନ୍ନ ପରିବେଶରେ ସମୟ କଟାଉଥିବାରୁ ମତେ ଏବେ ବହୁତ ଭଲ ଲାଗୁଛି। ଅଧିକ ଖରାପାଇଁ ବେଶି ସମୟ ଖେଳି ହେଉନି, କିନ୍ତୁ ଅପରାହ୍ନରେ ଘଣ୍ଟେ ଦେଢ଼ଘଣ୍ଟା ପାଇଁ ଘର ପାଖ କଲେଜ ପଡିଆକୁ ଯାଇ ସମସ୍ତେ ମିଶି ଖେଳୁଛୁ। ଆଉ ଖରାବେଳେ ଘରେ ମାମା ସହିତ ରୋଷେଇ ସମୟରେ ଅଳ୍ପ କିଛି ସାହାଯ୍ୟ ବି କରେ। ସବୁ ପ୍ରକାରର କାମ କରୁଥିବାରୁ ବହୁତ ଭଲ ଲାଗୁଛି।

**–ଅର୍ଣ୍ଣବ ପଟ୍ଟନାୟକ,** କ୍ଲାସ–୯, ନବୋଦୟ ବିଦ୍ୟାଳୟ, ରାହାମା, ଜଗତସିଂହପୁର

### ଗାଁକୁ ଯିବି



ଖରାଛୁଟି ପାଇଁ ଯେଉଁ ସବୁ ହୋମୱର୍କ ଦିଆଯାଇଛି ପ୍ରଥମେ ସେସବୁ ଶେଷ କରିବା ପାଇଁ ଚେଷ୍ଟା କରୁଛି। ସ୍କୁଲ ହୋମୱର୍କ ସହିତ ଟିୟୁସନ୍‌ର ବି ଅଲଗା ହୋମୱର୍କ ଦିଆଯାଇଛି। ମାମା କହୁଛି ଏବେଠୁ ହୋମୱର୍କ ସାରିଦେଲେ ବୁଲିବାର ମଜା ଆସିବ। ହେଲେ ଘରକୁ ଏବେ ମୋ ଅପାର ଝିଅ ଆସିଛି, ତା' ସହିତ ଖେଳିବାକୁ ଭଲ ଲାଗୁଛି। ଆଉ କିଛି ଦିନ ଭିତରେ ମୋର ସବୁ ହୋମୱର୍କ ସରିଯିବ। ତା'ପରେ ବଡ଼ବାପାଙ୍କ ଘର ପୁରୀକୁ ଯିବି, ସେଠି ଅଳ୍ପ କିଛି ଦିନ ରହି ବୁଲାବୁଲି ସାରି ଫେରିବା ପରେ ଗାଁକୁ ବୁଲିବାକୁ ଯିବି। ଗାଁରେ ପ୍ରାୟ ୧୫ ଦିନ ରହି ରଜ ବେଳକୁ ଫେରି ଆସିବି। ସେତେବେଳକୁ ଗାଁରୁ ଦାଦା ଓ ମୋ ସାନ ଭଉଣୀ ବି ଆମ ସହିତ ଆସିବେ। ସମସ୍ତେ ଏକାଠି ରଜରେ ବିଭିନ୍ନ ସ୍ଥାନ ବୁଲିବା ପାଇଁ ଯୋଜନା ହୋଇଛି। ଏବେ ମାମା ସହିତ ଘରେ କିଛି କାମରେ ସାହାଯ୍ୟ କରିବା ପାଇଁ ଚେଷ୍ଟା କରୁଛି।

**–ଆରଭି ମହାପାତ୍ର,** କ୍ଲାସ– ୩, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର

### କୋଣାର୍କ ମ୍ୟୁଜିୟମ ଯିବି



ଖରାଛୁଟିରେ ବାବାଙ୍କ ସହିତ ଆମେ ଏଥର ବେଙ୍ଗାଲୁରୁ ବୁଲିବା ପାଇଁ ଯାଇଥାନ୍ତୁ। ହିଲ୍‌ଷ୍ଟେଶନ୍ ଯାଇ ସେଠି ୨ ଦିନ ରହିଥାନ୍ତୁ। ହେଲେ ସୀମାରେ ଉତ୍ତେଜନା ପାଇଁ ଆମ ଟ୍ରିପ୍ କ୍ୟାନ୍‌ସଲ ହେଲା। ତେଣୁ ଏଥର ଆଉ ବାହାରକୁ କୁଆଡ଼େ ଯାଇ ହେବନି। ଏଇଠି ରହି ଯାହା ବୁଲାବୁଲି କରିବୁ। ନନ୍ଦନକାନନ ତ ନିଶ୍ଚୟ ଯିବୁ, ତା'ପରେ କୋଣାର୍କ ମ୍ୟୁଜିୟମ ଯିବୁ ବୋଲି କଥା ହେଇଛୁ। ହେଲେ ବର୍ତ୍ତମାନ ପାଇଁ କିଛି ବୁଲାବୁଲି ନାହିଁ। ଖାଲି ଘରେ ରହି ଖିଆପିଆ କରିବା ଓ ଖେଳିବାରେ ସମୟ କଟୁଛି। ତା' ଛଡ଼ା ସବୁଦିନ ତ ଟିୟୁସନ ହେଉଛି। ଆଉ ହୋମୱର୍କ ଯାହା ଦିଆଯାଇଛି ସେସବୁ କରୁଛି। ମାମା କହିବା ଅନୁସାରେ ପାଠ ପଢୁଛି ଆଉ ଯେତେବେଳେ ଯାହା ବି ଘରକାମ କରିବାକୁ କହୁଛି କରୁଛି।

**–ତ୍ରିପୁର ବିଜୟୀ ମହାନ୍ତି,** କ୍ଲାସ– ୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସତ୍ୟବିହାର, ଭୁବନେଶ୍ୱର

### ରଜବେଳକୁ ଗାଁକୁ ଯିବି



ସ୍କୁଲ ସିନା ଛୁଟି ହୋଇଛି ହେଲେ ପାଠପଢା ପୂରା ଛୁଟି ନୁହେଁ। ମାମା କହିଛନ୍ତି ଏକଥା ମନେ ରଖିବାକୁ ହେବ। ସେଥିପାଇଁ ସେ ଦିନକୁ କେତେ ସମୟ ପଢିବାକୁ ହେବ ସବୁବେଳେ ମନେ ପକାଇ ଦେଉଛନ୍ତି। ତାଙ୍କ କହିବା ଅନୁସାରେ ଠିକ୍ ସମୟରେ ହୋମୱର୍କ ସବୁ ଶେଷ ନ କଲେ ରଜ ବେଳକୁ ବି ମାମୁଘରକୁ ବୁଲିବାକୁ ଯାଇ ହେବନି। ସବୁବର୍ଷ ରଜରେ ମୁଁ ମାମୁଘରକୁ ଯାଏ। ସେଠି ମତେ ବହୁତ ଭଲ ଲାଗେ। ତେଣୁ ଏଥର ରଜରେ ଯିବି ବୋଲି ଏବେଠୁ ସବୁ ହୋମୱର୍କ ସାରିଦେଲିଣି। ଆମ ସ୍କୁଲରେ ବେଶି ହୋମୱର୍କ ଦିଆ ହୋଇ ନ ଥିଲା। ଆଉ ଖାଲି ଟିଉସନରେ ଯାହା ଦିଆଯାଉଛି ଓ ମାମା ଯାହା ଦେଉଛନ୍ତି ସେସବୁ କରୁଛି। କିନ୍ତୁ ଉପରବେଳା ଘର ପାଖରେ ସବୁ ପିଲାଙ୍କ ସହ ୨ ଘଣ୍ଟା ଖେଳିବାକୁ ଯାଉଛି। ଆଉ ଘରେ ବେଳେବେଳେ ଚେସ୍ ଓ କ୍ୟାରମ୍ ଖେଳୁଛି।

**–ନର୍ମଦା ମହାନ୍ତି,** କ୍ଲାସ– ୪, ସେଣ୍ଟ ଜାଭିୟର୍ସ ସ୍କୁଲ, କଟକ

### ଏଥର ପାଠ ଅଧିକ



ଛୁଟିରେ ମୋର ଏଥର ବୁଲାବୁଲି କମ୍। କାହିଁକି ନା ଏଥର ମୁଁ ସମର କୋର୍ସ କରୁଛି। ଏଥିପାଇଁ ସବୁଦିନ ବ୍ୟାଡମିଣ୍ଟନ ଖେଳିବା ପାଇଁ ଆକାଡେମୀ ଯାଉଛି। ତା'ଛଡା ମ୍ୟାଥ୍‌ର ଅନ୍‌ଲାଇନ୍ କ୍ଲାସ ବି କରୁଛି। ଦୁଇ ମାସ ପରେ ସବୁ ସରିବ। ତେଣୁ ମେ ଶେଷ ଯାଏ କ୍ଲାସ କରିବି ଓ ଟିଉସନ ବି ହେବ। ଜୁନ୍‌ରେ କେବଳ ଛୁଟି ମିଳିବ। ସେହି ସମୟରେ ମୁଁ ଗାଁକୁ ଯିବି, ସେଠି ରଜ ପର୍ଯ୍ୟନ୍ତ ରହି ବୁଲାବୁଲି କରି ଫେରିଆସିବି। ଏଥର ଗାଁକୁ ଯିବାବେଳେ ସମସ୍ତେ ମିଶି ପାରାଦୀପ ବୁଲିବାକୁ ଯିବୁ ବୋଲି ସ୍ଥିର ହୋଇଛି। ସେଇଠି ରଜ ସରିବା ଯାଏ ରହିବି। ମାମା ବି ମୋ ସହିତ ଯିବେ। ଖାଲି ପାପା ଯିବେନି। ରଜ ସରିବା ପରେ ମାମା ସହିତ ଫେରି ଆସିବି।

**–ସାଇସ୍ମୃତି ନାୟକ,** କ୍ଲାସ– ୫, ମା ସରସ୍ୱତୀ ଶିକ୍ଷା ମନ୍ଦିର, କଟକ




୧
**ସାନ୍ଵି ଶନାୟା ସା**
କ୍ଲାସ- ୪,
ବିଜେଇଏମ୍
ସ୍କୁଲ-୧, ଭୁବନେଶ୍ୱର


୨
**ସାଇ ସମର୍ଥ ଆଚାର୍ଯ୍ୟ**
କ୍ଲାସ-୫, ନୀଳଗିରି
ଇଂଲିଶ ମିଡିୟମ
ସ୍କୁଲ, ନୀଳଗିରି,
ବାଲେଶ୍ୱର


୩
**ସାଇଶ୍ରୀ ବେହେରା**
କ୍ଲାସ- ୩, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ନିମାପଡା, ପୁରୀ


୪
**ବେଦାର୍ଥ ଦାଶ**
କ୍ଲାସ-୫, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ୟୁନିଟ-୬,
ଭୁବନେଶ୍ୱର



୫
**ଘନିଶ କୁମାର ବେହେରା**
କ୍ଲାସ- ୧, ପବ୍ଲିକ
ସ୍କୁଲ, ଛତ୍ରପୁର,
ଗଞ୍ଜାମ


୬
**ସୁମେଧା ମିଶ୍ର**
କ୍ଲାସ-୧୦, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ,
ଖଣ୍ଡଗିରି, ଭୁବନେଶ୍ୱର


୭
**ନିର୍ଲିପ୍ତା ରାୟ**
କ୍ଲାସ- ୭, ଫ୍ୟୁଚର
ଭୁବନେଶ୍ୱର ସ୍କୁଲ,
ଭୁବନେଶ୍ୱର



୮
**ବୈଷ୍ଣବୀ ମିଶ୍ର**
କ୍ଲାସ-୩, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ଓରକଲା, ଜଟଣୀ,
ଖୋର୍ଦ୍ଧା



୧


୨



୩


୪


୫


୬


୭



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ମେଟ୍ରୋ ଟ୍ରେନ୍‌ରେ ସର୍ବାଧିକ ଷ୍ଟେଶନ

ଅତ୍ୟଧିକ ଗହଳି ଯୋଗୁ ଦିଲ୍ଲୀ ମେଟ୍ରୋରେ ଯିବାଆସିବା କରିବା ଯାତ୍ରୀମାନଙ୍କ ପାଇଁ ବହୁ କଷ୍ଟ କର ହୋଇଥାଏ । କଷ୍ଟକର ହେଲେ ବି ଅଫିସ ଯିବାଆସିବା ନିମନ୍ତେ ଅନେକେ ଏହାକୁ ମାଧ୍ୟମ କରିଥାନ୍ତି । ହେଲେ ରେକର୍ଡ କରିବା ପାଇଁ ମଧ୍ୟ ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରିବାକୁ କେତେଜଣ ପଛାନ୍ତି ନାହିଁ । ବହୁ ଅସୁବିଧାର ସମ୍ମୁଖୀନ ହୋଇ ଏପରି ଏକ କାମ କରିଛନ୍ତି ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ରହୁଥିବା ଶଶାଙ୍କ ମନୁ । ସେ ଲଗାତର ୧୫ ଘଣ୍ଟା ୨୨ ମିନିଟ୍ ୪୯ ସେକେଣ୍ଡ ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରି ୨୫୪ଟି ଷ୍ଟେଶନ୍ ଅତିକ୍ରମ କରି ପାରିଛନ୍ତି । ପ୍ରଥମେ ବ୍ଲୁ ଲାଇନରୁ ଯାତ୍ରା ଆରମ୍ଭ କରି ଗ୍ରୀନ୍ ଲାଇନ୍‌ର ବ୍ରିଗେଡିୟର ହୋସିଆର ସିଂହ ଷ୍ଟେଶନରେ ଯାତ୍ରା ଶେଷ କରିଥିଲେ । ଏହି ସମୟ ମଧ୍ୟରେ



ସେ ଖାଇବା ଓ ଅନ୍ୟ ଜରୁରୀ କାମ ନିମନ୍ତେ ସେ ୩ ଥର ଛୋଟ ବ୍ରେକ୍ ନେଇଥିଲେ । ମେଟ୍ରୋରେ କମ୍ ସମୟରେ ସବୁଠୁ ଅଧିକ ଷ୍ଟେଶନ୍ ଅତିକ୍ରମ କରିପାରିଥିବାରୁ ତାଙ୍କ ନାମ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି । ତେବେ ୨୦୨୧ ଏପ୍ରିଲରେ ସେ ଏହି ସଫଳତା ହାସଲ କରିଥିଲେ ।

## ଏଥରର

- କେଉଁ ମସିହାରେ ଟାଇଟାନିକ୍ ଜାହାଜ ବୁଡିଯାଇଥିଲା ?
- ପ୍ରଥମ ମାନବକୃତ ସାଟେଲାଇଟ୍ ?
- ଦି ଗ୍ରେଟ୍ ୱାଲ୍ ଅଫ୍ ଚାଇନା କେଉଁ ରାଜବଂଶ ସମୟରେ ପ୍ରଥମେ ନିର୍ମାଣ ହୋଇଥିଲା ?
- ବର୍ଲିନ୍ ୱାଲ୍ କେବେ ଭାଙ୍ଗିଥିଲା ?
- କେଉଁ ଦେଶରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା ?




## ଗତଥରର

- ମାଲଭଥ୍ ପୂର୍ଣ୍ଣ
- ଇନ୍ଦୋର, ଭୋପାଳ ଓ ଚଣ୍ଡିଗଡ଼
- ଜାନୁୟାରୀ ୨୪
- ରୁଡୟାର୍ଡ କପ୍ଲିଙ୍ଗ୍
- ନୱାବ ରାଏ

## କହିଲ ଦେଖି

କି ସୁନ୍ଦର ଫୁଲଟିଏ ହଳଦିଆ ଦେହେ
ଡଳିଡ଼ଳି ହସୁଥାଏ କେତେ ମନ ମୋହେ
ପୁରୁବକୁ ଚାହେଁ ପୁଣି ପଶ୍ଚିମକୁ ଚାହେଁ
ସୂରୁଯ ଯୁଆଡ଼େ ଯାଏ ସେଦିଗେ ଅନାଏ
ଅସ୍ତ ହେଲେ ରବି ତା'ର ମନ ଯାଏ ଶୁଖି
ଜାଣିଛ କେ' ଯଦି ତା'ର ନାମ ଦିଅ ଲେଖି !



ଉତ୍ତର : ସୂର୍ଯ୍ୟମୁଖୀ

ବାସନାରେ ରାଜା ବୋଲି ଜାଣନ୍ତି ସକଳେ
ମନ ଟାଣିନିଏ ଆପେ ଫୁଟିଣ ସକାଳେ
ଧବଳ ରଙ୍ଗର ଫୁଲ ଦିଶଇ ସୁନ୍ଦର
ଛୋଟ ନୁହେଁ ଟିକେ ବଡ଼ ତାହାର ଆକାର
ତୋଳିବାକୁ ଧରୁଧରୁ ଭାଙ୍ଗିଯାଏ ଡାଳ
ଜାଣ ଯଦି ନାମ ତା'ର, କୁହ ଯେ ଚଞ୍ଚଳ !



ଉତ୍ତର : ସୁଗନ୍ଧରାଜ

ଧଳାରଙ୍ଗ ଫୁଲଟିଏ, ବୃନ୍ତ ତା' ନାରଙ୍ଗୀ
ବାସ ତା'ର ଛୁଟେ ଯେବେ , କେ' ହେବ ତା' ସଙ୍ଗୀ
ହେଉପଛେ ଅତି ସାନ ଦେଖିବାକୁ ନେତ୍ରେ
ଗୁଣ ସେତେ ଅସୁମାରି, ଔଷଧୀୟ ପତ୍ରେ
ସଞ୍ଜେ ଫୁଟି ସକାଳକୁ ଯାଏ ସେ ମଉଳି
ନାମ ତା'ର କୁହ ପିଲେ, ମନେ ଟିକେ ଭାଳି !



ଉତ୍ତର : ଗଙ୍ଗଶିଉଳି

**- ରୁଦ୍ରମାଧବ ସାହୁ**
ବାଘମୁଣ୍ଡା, କାକଟପୁର, ପୁରୀ
ମୋ : ୭୩୭୦୧୩୧୨୬୯

## କବିତା

### ସୈନିକ

ଭାରତ ମାତାର ଯୋଗ୍ୟ ସନ୍ତାନ
ଏ ମୋର ସୈନିକ ଭାଇ ମହାନ
ବନ୍ଧୁକ ମୁନରେ କର ଶାସନ
ତୁମ ପାଇଁ ବଞ୍ଚେ ଆମ ଜୀବନ ।
ଶତ୍ରୁକୁ ସଂହାରି ବିନାଶ କର
ପଛରେ ପକାଇ ନିଜ ସଂସାର
ଭାରତବାସୀଙ୍କ ପୁଲକ ଭର
ସଭିଏ କୁହନ୍ତି ସାହସୀ ବୀର ।
ବରଷା କାକର ଖରା କି ଶୀତ
ନ ମାନି ରହିଛୁ ସେମିତି ତୁ ତ
ଜଣା ନାହିଁ ତତେ ଯାନି କି ଯାତ
ସୀମା ସଙ୍ଗେ ରହୁ ହୋଇ ସଙ୍ଗାତ ।
ତୁମ ଜୀବନକୁ ଆହୁତି ଦେଇ
ଗୁଳି ବାରୁଦରୁ ଅନେକ ଖାଇ
ଶହୀଦ ହେଉଛ ଆମରି ପାଇଁ
କେତେ ଯେ ଯବାନ ଗଲେ ପଳେଇ ।
ସଲାମ କରନ୍ତି ଜଗତ ଜନ
କିଣି ନେଇଯାଅ ସଭିଙ୍କ ମନ
ଯୁଗେ ଯୁଗେ ରହେ ତୁମରି ନାମ
ତୁମ ପାଇଁ ସିନା ଆମେ ସ୍ୱାଧୀନ ।

***- ଅମରନାଥ ବାରିକ***
*କୟାଁ, ମଙ୍ଗଳପୁର, ଯାଜପୁର*
*ମୋ: ୯୫୪୦୩୦୮୦୯୫*



### ବୀର ସଇନିକ ହେବି

କରୁଛି ଶପଥ ସାଜି ସଇନିକ
ବଇରୀ ସାଥିରେ ଲଢ଼ିବି,
ତଡ଼ିଦେଇ ଦୁଃଖ କଷଣ ମାଟିରୁ
ସୁନାର ଦେଶ ମୁଁ ଗଢ଼ିବି ।
ଆସୁ ଯେତେ ଝଡ଼ ଡରିବି ନାହିଁ ମୁଁ
କେବେ ବି ହାରିବି ନାହିଁଟି,
ଝରୁ ପଛେ ଯେତେ ରକତ ଦେହରୁ
ମୋ' ମାଟିର ଖୁସି ପାଇଁଟି ।
ତିଳେ ବି ମୋ' ମନେ ନଥିବ ଶୋଚନା
ଫୁଟୁ ଯେତେ କଣ୍ଟା ପାଦରେ,
ମରଣ ଯେବେ ବି ବାଟ ମୋ' ଓଗାଳେ
ଘେନିବି ତାହାକୁ ସାଦରେ ।
କହିବି ଗରବେ ଦେଶ ମୋ' ନିଆରା
ତୁଳନା ନାହିଁ ଟି ଯାହାର,
ଭୁଲିବିନି କେବେ ତା' ମହାନ ଦାନ
ମଧୁର ପରଶ ତାହାର ।

***- ଶରତ କୁମାର ଦାସ***
*ବଡ଼ବିଲ, କେନ୍ଦୁଝର*
*ମୋ: ୮୨୪୯୧୩୭୦୯୧*

### ବିଞ୍ଚଣା

ବାଉଁଶ ପାତରେ ହୋଇ ତିଆରି
ହାତେ ବୁଲୁଥିଲା ସେ ଘିରି ଘିରି ।
ଶୀତଳ ପବନ ଦେଇ ପରଷି
ଡାକି ଆଣୁଥିଲା ନିଦ ମାଉସୀ ।
ଗରିବ ଲୋକର ଥିଲା ସେ ସାଥୀ
ଗରମରୁ ଦେଉଥିଲା ମୁକତି ।
ନାମଟି ତାହାର ଅଟେ ବିଞ୍ଚଣା
ଆଜି ହୋଇଗଲା ସେ ବାଟବଣା ।
ବିଜ୍ଞାନ ଯୁଗରେ ଏସି କୁଲର
ନେଇଗଲେ ପଙ୍ଖା ଜାଗା ତାହାର ।
ବିଦ୍ୟୁତ୍ ଚାଳିତ ଏ ସବୁ ଯନ୍ତ୍ର
ଫୁଙ୍କିଦେଲେ ଆସି ସେ କେଉଁ ମନ୍ତ୍ର ।
ଖୋଜୁ ନାହିଁ ଆଉ ବିଞ୍ଚଣା କେହି
ଘରେ ଘରେ ଆଉ ଦିଶୁ ବି ନାହିଁ ।
ପଚାରିବେ ଦିନେ ପିଲା ତା' କଥା
ଚିତ୍ର ଦେଖାଇବ ମନେରଖିଥା ।

***- ପ୍ରଶାନ୍ତ କୁମାର ସାହୁ***
*ଇନ୍ଦିପୁର, ଘଣାଶାଳ ସାହି, ଢେଙ୍କାନାଳ*
*ମୋ: ୯୭୭୭୦୯୦୦୫୬*

### ସୁନାରି ଫୁଲ

ସୁନା ପୋଡ଼ିହେଲେ ଦିଶେ ଝକ ଝକ
ସେପରି ସୁନାରି ଫୁଲ
ନିଦାଘ ଦାଉରେ ଡହ ଡହ ଜଳି
ବଢ଼ାଏ ଦେଖ ତା' ମୂଲ ।
ଦେହେ ନାହିଁ ତା'ର ବାସନା ମଧୁର
ତଥାପି ଓଠରେ ହସ
କେବେ ଯାଇ ନାହିଁ ଦେଉଳ ଦୁଆର
ରୂପରେ କରଇ ବଶ ।
ଖିଲି ଖିଲି ତା'ର ହସମଖା ମୁହଁ
ପବନେ ଖେଳଇ ଦୋଳି
ପଥିକ ମନରେ ସାହସ ସଞ୍ଚାରେ
ହଳଦୀ ରଙ୍ଗକୁ ବୋଳି ।

***- ବିଜୟଲକ୍ଷ୍ମୀ ପାଣିଗ୍ରାହି***
*ଜୟପୁର, କୋରାପୁଟ*
*ମୋ: ୮୨୪୯୪୫୦୦୫୦*



# ଚାଳକବିହୀନ ବାୟୁଯାନ



–ବିନୋଦ ଚନ୍ଦ୍ର ଜେନା

ରମେଶବାବୁ ମାଲକାନଗିରି ଜିଲାର ଏକ ଦୁର୍ଗମ ଅଞ୍ଚଳରେ ବିଡିଓ ଭାବେ କାମ କରୁଥିଲେ । ସେଠାକାର ଜଣେ ଆଦିବାସୀ ପିଲା  ମାନସ। ପଞ୍ଚମ ଶ୍ରେଣୀରେ ଅର୍ଥ ଅଭାବରୁ ତା' ପାଠପଢ଼ାରେ ଡୋରି ବନ୍ଧାହେଲା। ସେ ଗାଈ ଚରାଇବାକୁ ଯାଏ। ତା' ସହ ସେ ପ୍ରତିଦିନ ରମେଶବାବୁଙ୍କ ଘରକୁ କ୍ଷୀର ନେଇ ଯାଏ । ଦିନେ ରମେଶ ବାବୁ ପଚାରିଲେ, ତୁ ପାଠ ନ ପଢ଼ି ଗାଈ କାହିଁକି ଚରାଉଛୁ ? ମାନସ ତାଙ୍କୁ ଅସୁବିଧା କଥା ସବୁ କହିଲା । ରମେଶବାବୁଙ୍କ ମନରେ ଦୟାଭାବ ଜାତହୋଇ ତା'ର ପଢ଼ାପଢ଼ିର ଦାୟିତ୍ୱ ନେବା ପାଇଁ ମନସ୍ଥ କରିନେଲେ । ଅଳ୍ପଦିନ ପରେ ତାଙ୍କର କଟକ ଜିଲାକୁ ବଦଳି ହେଲା। ମାନସର ମା'ବାପାଙ୍କୁ ବୁଝାଇ ରମେଶବାବୁ ମାନସକୁ ସାଥିରେ ନେଇ କଟକ ଆସିଲେ । ଧୀରେ ଧୀରେ ମାନସ ଉଚ୍ଚଶିକ୍ଷିତ ହୋଇ ଜଣେ ଦକ୍ଷ ଡ୍ରୋନ୍ ଇଞ୍ଜିନିୟର ହେଲେ । ତାଙ୍କ ବାପାଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବାରୁ ସେ କିଛିଦିନ ଛୁଟି ନେଇ ମାଲକାନଗିରି ଜିଲାର ତାଙ୍କ ଗାଁକୁ ଆସିଥାଆନ୍ତି । ତାଙ୍କୁ ଦେଖିଲା କ୍ଷଣି ତା'ର ସାଙ୍ଗମାନେ ଘେରିଯାଇ ଅନେକ କଥା ପଚାରିଲେ । ଜଣେ ସାଙ୍ଗ ପଚାରିଲା, ତୁ ଅନ୍ୟ ଇଞ୍ଜିନିୟର ନ ହୋଇ ଡ୍ରୋନ୍ ଇଞ୍ଜିନିୟର କାହିଁକି ହେଲୁ ? ସେ କହିଲେ, ଭାଇମାନେ, ତୁମ୍ଭେ ସମସ୍ତେ ଜାଣିଛ, ଆମ ଅଞ୍ଚଳକୁ ଆମ୍ବୁଲାନ୍ସ ଆସିପାରୁନାହିଁ । ଅନେକ ରୋଗୀ ଠିକ୍ ସମୟରେ ଚିକିତ୍ସା ନ ପାଇ ମରିଯାଉଛନ୍ତି । ତେଣୁ ବର୍ତ୍ତମାନର ବିଜ୍ଞାନ ଓ କାରିଗରି ବିଦ୍ୟାର ବିକାଶ ଯୋଗୁ ନୂଆ ନୂଆ ଯାନ ନିର୍ମାଣ କରାଯାଇ ତା'ର ପ୍ରୟୋଗ ଦୁର୍ଗମ ଅଞ୍ଚଳର ଲୋକଙ୍କ ସେବାରେ ଲାଗୁଛି । ତେଣୁ ସେଭଳି ସେବା ଯୋଗାଇଦେବା ପାଇଁ ମୁଁ ଡ୍ରୋନ୍ ଇଞ୍ଜିନିୟର ହେଲି ।

ଏସବୁ ଶୁଣିବା ପରେ ଆଉ ଜଣେ ସାଙ୍ଗ ପଚାରିଲା, ତା' ହେଲେ ତୁ ଆମକୁ ଡ୍ରୋନ୍ କ'ଣ ଓ ତା' ଦ୍ୱାରା କି କାମ ହୁଏ ସେ ସମ୍ପର୍କରେ କହ । ମାନସ କହିଲେ, ଡ୍ରୋନ୍‌କୁ 'ଚାଳକବିହୀନ ବାୟୁଯାନ' ମଧ୍ୟ କୁହାଯାଏ । ଉଡ଼ାଜାହାଜ ବା ହେଲିକପ୍ଟର ଭଳି ଏଥିରେ କୌଣସି ପାଇଲଟ ବା ଚାଳକ ନ ଥା'ନ୍ତି । ଜଣେ ଦୂରରୁ ରହି ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ଡ୍ରୋନ୍‌କୁ ନିୟନ୍ତ୍ରଣ କରୁଥାଏ । ଡ୍ରୋନ୍‌ର ଇତିହାସ ବହୁ ପୁରୁଣା । ୧୯୧୭ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଏଭଳି ଚାଳକବିହୀନ ବାୟୁଯାନର ପରିକଳ୍ପନା କରାଯାଇ ଥିଲା । ବ୍ରିଟିଶ ଇଞ୍ଜିନିୟର ମାଣ୍ଟଗୋମର୍ ଲୋ' ଏହାକୁ ନିର୍ମାଣ କରିବାରେ କିଛିଟା ସଫଳତା ପାଇଥିଲେ । କିନ୍ତୁ ଏହାର ପ୍ରକୃତ ଉପଯୋଗ ୧୯୫୯ ମସିହା ଭିଏଟ୍‌ନାମ ଯୁଦ୍ଧରୁ ହୋଇଥିଲା । ପରେ ପରେ ଏହାର ବ୍ୟବହାର ଯୁଦ୍ଧକ୍ଷେତ୍ର ପାଇଁ ଅତ୍ୟନ୍ତ ଆବଶ୍ୟକ ହେଲା । ପୃଥିବୀର ପ୍ରାୟ ସମସ୍ତ ଦେଶ ଡ୍ରୋନ୍ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଲେ। ଆମ ଦେଶ ଭାରତ ଏଥିରୁ ବା ବାଦ୍ ପଡ଼ିବ ବା କିପରି ? ୧୯୮୦ରେ ଭାରତର ଆକାଶ ବାହିନୀ ବା ଏୟାର ଫୋର୍ସରେ ଡ୍ରୋନ୍‌ର ପ୍ରଚଳନ ହେଲା । ତା'ପରେ ୧୯୯୯ରେ କାର୍‌ଗିଲ୍ ଯୁଦ୍ଧରେ ମଧ୍ୟ ଏହାର ପ୍ରୟୋଗ ବଢ଼ିଲା । ଆମ ଦେଶର ଇଞ୍ଜିନିୟରମାନେ ପ୍ରଥମେ ଡ୍ରୋନ୍ ଟେକ୍ନୋଲୋଜିର ଜ୍ଞାନକୌଶଳ ଇସ୍ରାଏଲରୁ ଶିକ୍ଷାଲାଭ କରିଥିଲେ । ଇସ୍ରାଏଲର ଇଞ୍ଜିନିୟର ଆବ୍ରାହମ କୋରେମ୍‌ଙ୍କୁ ଡ୍ରୋନ୍‌ର ଜନକ କୁହାଯାଏ । ଯଦିଓ ପ୍ରଥମେ ଯୁଦ୍ଧ କ୍ଷେତ୍ରରେ ବ୍ୟବହାର ପାଇଁ ଚାଳକବିହୀନ ବାୟୁଯାନର ବିକାଶ ହୋଇଥିଲା, ଆଜି କିନ୍ତୁ ମଣିଷର ହିତ ପାଇଁ ଏହାର ପ୍ରଚଳନ ଅତି ଉଲ୍ଲେଖନୀୟ ।



ଏଥିରେ ଦୂରଶକ୍ତି କ୍ୟାମେରା ଖଞ୍ଜି ତାହା ମାଧ୍ୟମରେ ଅନେକ ପର୍ଯ୍ୟବେକ୍ଷଣ ବା ସତର୍କତାମୂଳକ ସୂଚନା ଦେବା କାମ ହୋଇଥାଏ । ସୀମାନ୍ତରେ ଶତ୍ରୁ ତଥା ଆତଙ୍କବାଦୀଙ୍କ ଚାଲିଚଳନ, ଅବୈଧାନିକ ଆମଦାନୀ, ରପ୍ତାନି, ଜଙ୍ଗଲରେ ଜଳୁଥିବା ନିଆଁର ଅନ୍ୱେଷଣ ଓ ନିରାକରଣ, ଦୂରଗାମୀ ବିଦ୍ୟୁତ୍ ଲାଇନର ଯାଞ୍ଚ, ପ୍ରାକୃତିକ ଗ୍ୟାସ୍ ବା ତୈଳ ପଦାର୍ଥର ଅନ୍ୱେଷଣ, ନଦୀମାନଙ୍କର ଗତିପଥ,ବନ୍ୟା ପରିସ୍ଥିତିର ଅନୁଧ୍ୟାନ,ରାଜପଥରେ ଯାନବାହନର ନିୟନ୍ତ୍ରଣ ଆଦି ଅନେକ କାମରେ ଏହା ସାହାଯ୍ୟ କରୁଛି । ମଞ୍ଜି ବୁଣିବାଠାରୁ ଆରମ୍ଭକରି ଫସଲରେ ସାର ପକାଇବା,ଜଙ୍ଗଲ ଜୀବଜନ୍ତୁ ଉପରେ ନଜର ରଖିବା କାମ ଅତି ସହଜରେ କରିଦେଉଛି । ମାନସଙ୍କ ଆଉ ଜଣେ ସାଙ୍ଗ ପଚାରିଲେ,ମାନସ, ମୁଁ ଶୁଣିଛି ଡ୍ରୋନ୍ କୁଆଡେ ରୋଗୀମାନଙ୍କ ଚିକିତ୍ସା ପାଇଁ ସହାୟକ ହେଉଛି । ମାନସ କହିଲେ, ସତକଥା ସାଙ୍ଗ । ସେଭଳି ଡ୍ରୋନ୍‌କୁ ଡ୍ରୋନ୍ ଆମ୍ବୁଲାନ୍ସ କୁହାଯାଏ। ଆମ ମାଲକାନଗିରି ଜିଲା ଭଳି ଦୁର୍ଗମ ଅଞ୍ଚଳରେ ରୋଗୀଙ୍କ ପାଖକୁ ଅମ୍ଳଜାନ ସିଲିଣ୍ଡର୍ ଓ ହୃଦ୍‌ଘାତରୁ ରକ୍ଷାକରିବା ଯନ୍ତ୍ର ଏଥିରେ ରଖି ପଠାଯାଇପାରୁଛି । ଏହି ଡ୍ରୋନ୍ ଆମ୍ବୁଲାନ୍ସକୁ ଏକ କଣ୍ଟ୍ରୋଲ ରୁମ୍‌ରୁ ନିୟନ୍ତ୍ରଣ କରାଯାଇଥାଏ । ଏହି ଡ୍ରୋନ୍‌ଟି ଏକ ଶହ କିଲୋମିଟର ପରିସୀମା ମଧ୍ୟରେ କାମ କରିଥାଏ । ବିପଦରେ ପଡିଥିବା ରୋଗୀର ସମ୍ପର୍କିତ '୫୫୫୫W' କୁ ଡାଏଲ କରିବା ମାତ୍ରେ ସଂସ୍ଥାର କର୍ମକର୍ତ୍ତାମାନେ ଡାଏଲ ନମ୍ବରର ଅବସ୍ଥିତି ଓ ରୋଗୀର ଅବସ୍ଥା ସମ୍ପର୍କରେ ଜାଣିବା ପରେ ରିମୋଟ ଦ୍ୱାରା ଡ୍ରୋନ୍‌ଟି ଆକାଶ ମାର୍ଗରେ ଗତିକରି ରୋଗୀ ନିକଟରେ ପହଞ୍ଚିଥାଏ । ଏଥିରେ ଲାଗିଥିବା ସେନ୍‌ସର କ୍ୟାମେରାରେ ରୋଗୀର ଅବସ୍ଥାକୁ କମ୍ପ୍ୟୁଟର ପରଦାରେ ଦେଖି ଚିକିତ୍ସକମାନେ ଉପଯୁକ୍ତ ପରାମର୍ଶ ଦେଇଥାଆନ୍ତି । ଏହାଦ୍ୱାରା ରୋଗୀର ଜୀବନ ରକ୍ଷା ହୋଇପାରିଥାଏ । ଆଜିକାଲି ଡ୍ରୋନ୍ ସାହାଯ୍ୟରେ ଜରୁରୀ ସେବା ପାଇଁ ଔଷଧ, ସାଲାଇନ ଆଦି ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତି କମ୍ ସମୟରେ ଯୋଗାଇ ଦିଆଯାଉଅଛି । ମାନସ କହିଲେ, ଶୁଣ ସାଙ୍ଗମାନେ ଆମର ଯେଉଁ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ହେଉଛି, ସେତେବେଳେ ନିରୁଦ୍ଦିଷ୍ଟ ଥିବା ଲୋକଙ୍କୁ ଠାବକରିବାରେ, ପ୍ରଭାବିତ ଅଞ୍ଚଳକୁ ଖାଦ୍ୟ, ଔଷଧ,ପିଇବା ପାଣି ଯୋଗାଇବା କାମ ମଧ୍ୟ ଏହା କରିଥାଏ । ଡ୍ରୋନ୍ ଅଧା କି.ମି.ରୁ ଆରମ୍ଭକରି ୨୦କି.ମି. ଉଚ୍ଚତା ପର୍ଯ୍ୟନ୍ତ ଯାଉଥିବା ବେଳେ କେତେକ ଉନ୍ନତ ଡ୍ରୋନ୍ ୨କି.ମି.ରୁ ୪୦୦୦ କି.ମି. ଦୂରତା ପର୍ଯ୍ୟନ୍ତ ଗତି କରିଥାଏ । ମିଲିଟାରି ଡ୍ରୋନ୍ ପ୍ରତି ଘଣ୍ଟାରେ ୨୦୦୦କି.ମି. ବେଗରେ ଗତି କରିଥାଏ। ସାମ୍ପ୍ରତିକ ସ୍ଥିତିରେ ପାକିସ୍ତାନ ଯେଉଁଭଳି ଆମ ଦେଶ ସୀମାରେ ମିଶାଇଲ ଆକ୍ରମଣ କରିଥିଲା ,ଡ୍ରୋନ୍ ସାହାଯ୍ୟରେ ହିଁ ଆମ ଦେଶ ପ୍ରତି ଆକ୍ରମଣକରି ତା'ର କ୍ଷେପଣାସ୍ତ୍ରକୁ  ଧ୍ୱଂସକରିବାରେ ସକ୍ଷମ ହୋଇଥିଲା। ତେଣୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ହେଲେ ଡ୍ରୋନ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।



ମାନସ କହିଲେ,ସାଙ୍ଗମାନେ ଚାଲ,ସମୟ ହେଲାଣି । ମା' ଅପେକ୍ଷା କରିଥିବେ। ସମସ୍ତେ ଏକାଠି ମିଶି ଆଜି ଖାଇବା । ସାଙ୍ଗମାନେ ଏକ ସ୍ୱରରେ କହିଲେ, ବାଃ ! ଆଜି ବହୁତ କିଛି ତୋ'ଠାରୁ ଆମେ ଶିଖିଲୁ ।

*– ଭିକ୍ଟୋରି କଲୋନି, ପାରଳାଖେମୁଣ୍ଡି,ଗଜପତି*
*ମୋ: ୭୭୩୫୨୨୨୭୧୩*

# କୁମ୍ଭୀରକୁ ବି ମାରିପାରେ ମାଛ



ସମୁଦ୍ରରେ  ବିଭିନ୍ନ ପ୍ରକାର ଜୀବ ଦେଖିବାକୁ ମିଳିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକ ଦେଖିବାକୁ ବେଶ୍ ଆକର୍ଷଣୀୟ ହୋଇଥାଆନ୍ତି। କେବଳ ସେତିକି ନୁହେଁ,  ସମୁଦ୍ରର ନୀଳ ଜଳରାଶି ଭିତରେ ବାସ କରୁଥିବା କେତେକ ଜୀବ ଅଧିକ ଭୟଙ୍କର ହୋଇଥାନ୍ତି। ଏଠାରେ ଏପରି ଏକ ମାଛ ବିଷୟରେ ସୂଚନା ଦିଆଯାଉଛି ଯିଏକି କୁମ୍ଭୀରକୁ ମଧ୍ୟ ମାରିଦେଇପାରେ। ଏହି ମାଛଟିର ନାମ ହେଉଛି 'ଏଲ୍' ।  ଉକ୍ତ ମାଛଟି ମଧ୍ୟ ଶତ୍ରୁର ଆକ୍ରମଣର ଆଭାସ ପାଇବା ମାତ୍ରେ ନିଜକୁ ରକ୍ଷା କରିବାକୁ ଏକ ବଳୟ ସୃଷ୍ଟି କରିଥାଏ। କୌଣସି ବିପଦ ଆସିଲେ ସେ ବିଳମ୍ବ ନ କରି ନିଜ ଶରୀରରୁ ୮୬୦ଭୋଲ୍ଟର କରେଣ୍ଟ ସୃଷ୍ଟି କରିଥାଏ ।  ଏହି କରେଣ୍ଟ ସାହାଯ୍ୟରେ ଉକ୍ତ ମାଛ ଶିକାର ମଧ୍ୟ କରିଥାଏ।  ଏମାନେ ସାଧାରଣତଃ ସମୁଦ୍ର ଏବଂ ନଦୀରେ ଦେଖିବାକୁ ମିଳିଥାନ୍ତି। ଯଦି ତୁମେ ସମୁଦ୍ର ମଧ୍ୟରେ ଅଛ, କେଉଁଠି ଏଲ୍ ମାଛ ଦୃଶ୍ୟମାନ ହେଲେ ତା' ଠାରୁ ଦୂରତା ବଜାୟ ରଖିବା ଦରକାର।   ଏହି ମାଛ କୌଣସି ମନୁଷ୍ୟକୁ ମଧ୍ୟ କରେଣ୍ଟ ଦେଇ ବେହୋସ କରିବାର କ୍ଷମତା ରଖେ। ବୈଜ୍ଞାନିକଙ୍କ ମତରେ ଏଲ୍ ମାଛର ଶରୀରରେ କିଛି ଖାସ୍ କୋଶିକା ରହିଛି,ଯେଉଁ କାରଣରୁ ବିଜୁଳି ଝଟକା  ଉତ୍ପନ୍ନ କରିଥାଏ। ଏହି କୋଶିକାକୁ ଇଲେକ୍ଟ୍ରୋସାଇଟ୍ସ କୁହାଯାଏ।

# ଆ ଇ ନା



ଶୁଭଶ୍ରୀ ହାଁସଦା
୯ ବର୍ଷ/ମୟୂରଭଞ୍ଜ



ଆହିଲ୍ ମହାନ୍ତି
୮ ବର୍ଷ/ଭୁବନେଶ୍ୱର